ଏସ୍. ଏଚ୍. ଜେ. ପି. ଏସ୍. ସରୋହା ଏବଂ ଅନ୍ୟ ଜଣେ

ବନାମ

ଭାରତ ସଂଘ ଏବଂ ଅନ୍ୟ ଜଣେ

ଏପ୍ରିଲ 10, 1997

[କେ. ରାମସ୍ୱାମୀ ଏବଂ ଡି. ପି. ୱାଧୱା ନ୍ୟାୟାଧୀଶଦ୍ୱୟ]

*ସେବା ଆଇନ :*

*ପଦୋନ୍ନତି - ବିଭାଗର ତ୍ରିବିଭାଜନ - ଅନ୍ୟ ବିଭାଗରେ ସ୍ଥାନାନ୍ତରିତ ଏବଂ ନିଯୁକ୍ତ କର୍ମଚାରୀ – ପ୍ରମୁଖ ବିଭାଗରେ ତ୍ୱରିତ ପଦୋନ୍ନତି ସମ୍ଭାବନା - ସେହି ଆଧାରରେ ପୁନଃ ସ୍ଥାନାନ୍ତର ପାଇଁ ଅନୁରୋଧ କରୁଥିବା ସ୍ଥାନାନ୍ତରିତ କର୍ମଚାରୀ - ନ୍ୟାୟାଧିକରଣ ହସ୍ତକ୍ଷେପ କରିବାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ- ଆବେଦନ ଶୁଣାଣି ବେଳେ ନିର୍ଣ୍ଣୟ ହେଲା ଯେ, ହସ୍ତକ୍ଷେପକୁ ଆବଶ୍ୟକ କରିବାରେ କୌଣସି ଅନ୍ୟାୟ କରାଯାଇ ନାହିଁ ।*

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1239/1987 ।

ଓ.ଏ. ସଂଖ୍ୟା 173/1986ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ନୂଆଦିଲ୍ଲୀର 30.5.86 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ କେ. ବି. ସାଉଣ୍ଡର ରାଜନ ଏବଂ ଟି. ଏଲ. ଗର୍ଗ ।

ଉତ୍ତରଦାତାଙ୍କ ପାଇଁ ପି. ପି. ମାଲହୋତ୍ରା, ୱାଇ. ପି. ମହାଜନ ଏବଂ ସି. ଭି. ଏସ୍. ରାଓ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ପ୍ରମୁଖ ଖଣ୍ଡପୀଠ, ନୂଆଦିଲ୍ଲୀର 30 ମଇ 1986 ରେ ଓ.ଏ. ସଂଖ୍ୟା 173/1986 ରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ ଆବେଦନକାରୀ ସଂଖ୍ୟା 1ଙ୍କୁ 30.10.1967 କନିଷ୍ଠ ବୈଜ୍ଞାନିକ ସହାୟକ, ଗ୍ରେଡ୍-II ଭାବରେ ନିଯୁକ୍ତି କରାଯାଇଥିଲା । ତାଙ୍କୁ 1 ଏପ୍ରିଲ୍ 1970ରେ ସ୍ଥାୟୀ

କରାଯାଇଥିଲା ଏବଂ 1.10.1973ରେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ପଦୋନ୍ନତି ଦିଆଯାଇଥିଲା । ସେହିପରି ଦ୍ୱିତୀୟ ଆବେଦନକାରୀଙ୍କୁ 6.6.1967ରେ କନିଷ୍ଠ ବୈଜ୍ଞାନିକ ସହାୟକ, ଗ୍ରେଡ I ଭାବରେ ନିଯୁକ୍ତି ଦିଆଯାଇଥିଲା ଏବଂ 1 ଏପ୍ରିଲ1970ରେ ତାଙ୍କୁ ସ୍ଥାୟୀ ନିଯୁକ୍ତି କରାଯାଇଥିଲା ।ତାଙ୍କୁ 25.3.1971 ରେ କନିଷ୍ଠ ବୈଜ୍ଞାନିକ ସହାୟକ,ଗ୍ରେଡ୍ I ଭାବରେ ପଦୋନ୍ନତି ଦିଆଯାଇଥିଲା ।ସେମାନେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (DRDO) ରେ କାର୍ଯ୍ୟ ଜାରି ରଖିଥିବା ସମୟରେ ସମସ୍ତ ପଦବୀରେ ରହିଥିଲେ । ପରବର୍ତ୍ତୀ ସମୟରେ, 1976 ମସିହାରେ, ବୈଷୟିକ କମିଟି (ଇଞ୍ଜିନିୟର ଷ୍ଟୋର) ଗଠନ କରାଯାଇଥିଲା ଏବଂ ଏହାକୁ ନିରୀକ୍ଷଣ ମହାନିର୍ଦ୍ଦେଶକଙ୍କ ଦାୟିତ୍ୱରେ ସ୍ଥାନାନ୍ତରିତ କରାଯାଇଥିଲା । ସେମାନଙ୍କୁ ସେହି ବିଭାଗ ମଧ୍ୟରେ ସ୍ଥାନାନ୍ତର କରାଯାଇଥିଲା ଏବଂ ଉକ୍ତ ବିଭାଗରେ ଜାରି ରହିଥିଲା । ଜାନୁଆରୀ 30, 1979 ଠାରୁ, ବିଭାଗକୁ DRDO, ନିରୀକ୍ଷଣ ମହାନିର୍ଦ୍ଦେଶକ ଏବଂ ବୈଷୟିକ କମିଟି (ଇଞ୍ଜିନିୟର ଷ୍ଟୋର) ଭାବରେ ଆହୁରି ତିନିଭାଗ କରାଯାଇଥିଲା । ଏହା ଦେଖାଯାଉଥିଲା ଯେ DRDOରେ ପଦୋନ୍ନତିର ସମ୍ଭାବନା ତ୍ୱରାନ୍ୱିତ ହୋଇଥିଲା । ତେଣୁ ଆବେଦନକାରୀମାନେ ନିରୀକ୍ଷଣ ମହାନିର୍ଦ୍ଦେଶକଙ୍କଠାରୁ DRDOକୁ ପ୍ରତ୍ୟାବର୍ତ୍ତନ ଦାବି କରିଥିଲେ । ଯେହେତୁ ଉତ୍ତରଦାତାମାନଙ୍କ ଅନୁରୋଧକୁ ଗ୍ରହଣ କରାଯାଇ ନଥିଲା, ସେମାନେ ନ୍ୟାୟାଧିକରଣ ରେ ଓ. ଏ. ଦାଖଲ କରିଥିଲେ । ନ୍ୟାୟାଧିକରଣ ଓ. ଏ. କୁ ଖାରଜ କରିଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ଏହା ଯୁକ୍ତି ଦର୍ଶାଯାଇଛି ଯେ ଆକସ୍ମିକ ପରିସ୍ଥିତିରେ, ସେମାନଙ୍କୁ ନିରୀକ୍ଷକ ମହାନିର୍ଦ୍ଦେଶକ ଏବଂ ବୈଷୟିକ କମିଟି (ଇଞ୍ଜିନିୟର ଷ୍ଟୋର)ରେ ନିଯୁକ୍ତି ଦିଆଯାଇଛି । ତ୍ରିବିଭାଜନ ପୂର୍ବରୁ ସାଧାରଣ ବରିଷ୍ଠତା ବଜାୟ ରଖାଯାଇଥିବାରୁ, ନିରୀକ୍ଷକ ମହାନିର୍ଦ୍ଦେଶକଙ୍କ ନିୟନ୍ତ୍ରଣରେ ସେମାନଙ୍କର ନିରବଚ୍ଛିନ୍ନତା ପାଇଁ ସେମାନଙ୍କର କୌଣସି ଅଭିଯୋଗ ନଥିଲା । ତ୍ରିବିଭାଜନ ସମୟରେ, ଯଦିଓ ବିଭାଗ ଗ୍ରେଡ୍-I ରୁ ଗ୍ରେଡ୍-II ଅଧିକାରୀଙ୍କୁ ବିକଳ୍ପ ପାଇଁ ଆହ୍ୱାନ କରିଥିଲା, ସେପରି କୌଣସି ବିକଳ୍ପ ଦିଆଯାଇ ନଥିଲା । ଆବେଦନକାରୀମାନେ କହିଥିଲେ ଯେ ଏହା ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଥିଲା । ସେମାନଙ୍କୁ ସ୍ଥାନାନ୍ତରିତ ବିଭାଗରେ ନିରବଚ୍ଛିନ୍ନତା ଭୋଗିବାକୁ ଦିଆଯାଇପାରିବ ନାହିଁ ଏବଂ ତେଣୁ, ସେମାନେ ପଦୋନ୍ନତିର ସମସ୍ତ ସୁବିଧା ପାଇବାକୁ ହକଦାର । ଯେତେବେଳେ DRDOରେ ସେମାନଙ୍କଠାରୁ କନିଷ୍ଠ ବ୍ୟକ୍ତିଙ୍କୁ ସୁନିଶ୍ଚିତ କରାଯାଇ ଉଚ୍ଚ ପଦବୀରେ ପଦୋନ୍ନତି ଦିଆଯାଇଥିଲା, ଆବେଦନକାରୀମାନେ ସମାନତା ଦାବି କରିଥିଲେ । ବିବାଦକୁ ଦୃଷ୍ଟିରେ ରଖି, ବିଚାର ପାଇଁ ଉଠୁଥିବା ପ୍ରଶ୍ନ ହେଉଛି ଯେ ଆବେଦନକାରୀଙ୍କୁ DRDOକୁ

ସ୍ଥାନାନ୍ତର ନ କରିବା କୌଣସି ସ୍ପଷ୍ଟ ତ୍ରୁଟି ଦ୍ୱାରା ପ୍ରଭାବିତ କି ? ଏହା ଦେଖାଯାଉଛି ଯେ ପ୍ରାରମ୍ଭରେ DRDO ଏବଂ DGI ଦୁଇଟି ପୃଥକ କାର୍ଯ୍ୟାନୁଷ୍ଠାନ ଥିଲା । ବୈଷୟିକ କମିଟିରେ ସେବା ସମ୍ବନ୍ଧରେ, କର୍ମଚାରୀମାନେ ସେମାନଙ୍କୁ ଦିଆଯାଇଥିବା ସମ୍ପୃକ୍ତ କର୍ତ୍ତବ୍ୟ ନିର୍ବାହ କରୁଥିଲେ ଏବଂ ସେଥିରେ ଥିବା କର୍ମଚାରୀମାନଙ୍କୁ ନିରୀକ୍ଷକ ମହାନିର୍ଦ୍ଦେଶକଙ୍କ ପ୍ରଶାସନିକ ନିୟନ୍ତ୍ରଣକୁ ସ୍ଥାନାନ୍ତରିତ କରାଯାଇଥିଲା । ସମ୍ପୂର୍ଣ୍ଣ ବିଭାଗକୁ ସ୍ଥାନାନ୍ତରିତ କରାଯିବା ପରେ, ନିରୀକ୍ଷକ ମହାନିର୍ଦ୍ଦେଶକଙ୍କ ନିୟନ୍ତ୍ରଣରେ ରହିବାର ଆବଶ୍ୟକୀୟ ପରିଣାମ ହେବ ଯେ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ବିଭାଗରେ ରହିବେ।ଏହା ବିକଳ୍ପ ଆଧାରରେ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ କର୍ମଚାରୀଙ୍କ ସ୍ଥାନାନ୍ତର କରିବାର ମାମଲା ନୁହେଁ । ଏହି ପରିସ୍ଥିତିରେ, ଯଦିଓ ଏହି ବ୍ୟକ୍ତିମାନେ DRDO ବିଭାଗର ଦାୟିତ୍ୱରେ ଥିବାବେଳେ ସେମାନଙ୍କ ପରେ ନିଯୁକ୍ତ ହୋଇଛନ୍ତି, ସେମାନେ ଦାବି କରିପାରିବେ ନାହିଁ ଯେ ସେମାନଙ୍କ ପ୍ରତି ଅନ୍ୟାୟ କରାଯାଇଛି । ଏହି ପରିସ୍ଥିତିରେ, ଆମେ ଭାବୁଛୁ ଯେ ହସ୍ତକ୍ଷେପକୁ ଆବଶ୍ୟକ କରିବା ପାଇଁ ନ୍ୟାୟାଧିକରଣ ଦ୍ୱାରା ପାରିତ ଆଦେଶରେ କୌଣସି ଅବୈଧତା ନାହିଁ ।

ତଦନୁଯାୟୀ ଆବେଦନକୁ ଖାରଜ କରାଯାଇଛି । ଯଦି ସେମାନଙ୍କୁ କୌଣସି ଅଧିକାର ଦିଆଯାଏ ଏବଂ ସମାନ ଭାବରେ ଅବସ୍ଥିତ କର୍ମଚାରୀମାନଙ୍କୁ ତ୍ୱରାନ୍ୱିତ ପଦୋନ୍ନତି ଦିଆଯାଇଛି, ତେବେ ତାହା କାର୍ଯ୍ୟାନୁଷ୍ଠାନର ଏକ ଭିନ୍ନ କାରଣ ହେବ । ଆବେଦନକାରୀମାନେ ଆଇନ ଅନୁଯାୟୀ ଉପଲବ୍ଧ ପ୍ରତିକାରର ସୁବିଧା ନେବାକୁ ମୁକ୍ତ ରହିବେ।

ଜି. ଏନ୍. ଆବେଦନକୁ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।